# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 April – 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ବ୍ରହ୍ମପୁର, କଳାହାଣ୍ଡି, ନବରଙ୍ଗପୁର ଏବଂ କୋରାପୁଟ ଲୋକସଭା କ୍ଷେତ୍ର ପାଇଁ ଆଜି ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିନ

– ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ୮୮ଟି ଲୋକସଭା ଆସନ ପାଇଁ ମତାଦନ ହେବ

- ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଅପରାହ୍ନରେ ସୁବର୍ଣ୍ଣପୁରଠାରେ ନିର୍ବାଚନୀ ସଭାରେ ଯୋଗଦେବେ

- ରଥଯାତ୍ରା ପାଇଁ ପୁରୀରେ ପହଁଞ୍ଚିଲା ତୃତୀୟ ପର୍ଯ୍ୟାୟ ରଥକାଠ

ଏବଂ

- ମ୍ୟାଲେରିଆ ବିରୋଧରେ ଲଢ଼େଇକୁ ତ୍ୱରାନ୍ୱିତ କରିବା ବାର୍ତ୍ତା ନେଇ ଆଜି ପାଳନ ହେଉଛି ବିଶ୍ୱ ମ୍ୟାଲେରିଆ ଦିବସ

# ନାମାଙ୍କନପତ୍ର ଦାଖଲ ଶେଷ ଦିନ

ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଆଜି ଶେଷ ଦିନ । କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ବିଧାନସଭା ଆସନ ପାଇଁ ମଇ ମାସ ୧୩ ତାରିଖରେ ଭୋଟ୍ ନିଆଯିବ। ଶେଷ ଦିନରେ ଆଜି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଆସନ୍ତାକାଲି ଠାରୁ ମଇ ମାସ ୩ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯିବ । ଏହି ପର୍ଯ୍ୟାୟରେ ବରଗଡ, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ ଏବଂ ଆସ୍କା ସଂସଦୀୟ କ୍ଷେତ୍ରରେ ଭୋଟ ନିଆଯିବ ।

ଆସନ୍ତାକାଲି ଦେଶର ବିଭିନ୍ନ ସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ପାଇଁ ମତଦାନ ହେବ।

# ଅମିତ୍ ଶାହାଙ୍କ ଓଡିଶା ଗସ୍ତ

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଜି ଅପରାହ୍ନରେ ଝାରସୁଗୁଡ଼ାଠାରେ ପହଁଞ୍ଚିବେ। ସେଠାରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୁବର୍ଣ୍ଣପୁରଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବେ । ସୁବର୍ଣ୍ଣପୁର ଗସ୍ତ ଶେଷ କରି ଶ୍ରୀ ଶାହା ଭୁବନେଶ୍ୱରରେ ପହଞ୍ଚିବେ ଏବଂ ସେଠାରେ ଦଳୀୟ ନେତୃବୃନ୍ଦଙ୍କ ସହ ନିର୍ବାଚନ ସ୍ଥିତି ନେଇ ଆଲୋଚନା କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

# ନିର୍ବାଚନ ସ୍ଥିତି-କନ୍ଧମାଳ

ଆଗାମୀ ସାଧାରଣ ନିର୍ବାଚନକୁ ନେଇ କନ୍ଧମାଳ ଜିଲ୍ଲାରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ତିନି ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ ମଧ୍ୟରେ ଏଥର ତ୍ରିମୁଖୀ ନିର୍ବାଚନ ଲଢେଇ ହେବ। ଏହି ଦଳ ଗୁଡ଼ିକ ନିଜର ସମ୍ମାନ ବଜାୟ ରଖିବା ପାଇଁ ଲୋକଙ୍କ ନିକଟତର ହୋଇ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। କନ୍ଧମାଳ ଜିଲ୍ଲାରେ ତିନୋଟି ବିଧାନସଭା ଆସନ ରହିଛି। ସେହିପରି କନ୍ଧମାଳ ଲୋକସଭା ଆସନରେ କନ୍ଧମାଳ ଜିଲ୍ଲାର ତିନୋଟି ଆସନ ସହ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିର୍ବାଚନ ମଣ୍ଡଳୀ, ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଏବଂ ବୌଦ୍ଧ ଜିଲ୍ଲାର ବୌଦ୍ଧ ଓ କଣ୍ଟାମାଳ ଏହିଭଳି ସାତଟି ବିଧାନସଭା କ୍ଷେତ୍ର ପରିସରଭୁକ୍ତ। କନ୍ଧମାଳ ଜିଲ୍ଲାରେ ନିର୍ବାଚନ ସ୍ଥିତି ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା ଉତ୍ପଳ କୁମାର ସାହୁଙ୍କ ରିପୋର୍ଟ...

**- V/O –**

# ମାଓବାଦୀ ଗୁଳିବିନିମୟ

ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅନ୍ତର୍ଗତ ପାଢ଼େଲ ଡ୍ୟାମ ନିକଟ ଜଙ୍ଗଲରେ ଆଜି ସକାଳେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଦୁଇଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। କମ୍ବିଂ ଅପରେସନ୍ ବେଳେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।

## ଶିମିଳିପାଳ- ଏ.ଆଇ. କ୍ୟାମେରା

ଶିମିଳିପାଳ ଜଙ୍ଗଲରେ ନିଆଁ ଉପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ- ଏ.ଆଇ. ଦୃଷ୍ଟି ରଖିଛି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ଶିମିଳିପାଳ ଜଙ୍ଗଲରେ ପରୀକ୍ଷାମୂଳକ ଭାବେ ୬ଟି ଏ.ଆଇ. କ୍ୟାମେରା ବ୍ୟବହୃତ ହେଉଛି। ନିଆଁ ଲାଗିବା ମାତ୍ରେ ଏହି କ୍ୟାମେରା ଦ୍ୱାରା ବନ ବିଭାଗ ଖବର ସଂଗ୍ରହ କରିପାରୁଛି। ପରବର୍ତ୍ତୀ ସମୟରେ ସାତକୋଶିଆ ସମେତ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଏ.ଆଇ. କ୍ୟାମେରା ବ୍ୟବହାର କରାଯିବ ବୋଲି ଶ୍ରୀ ନନ୍ଦ କହିଛନ୍ତି।

## ରଥକାଠ

ଚଳିତବର୍ଷ ରଥଯାତ୍ରା ପାଇଁ ଆଜି ପୁରୀରେ ତୃତୀୟ ପର୍ଯ୍ୟାୟ ରଥକାଠ ପହଁଞ୍ଚିଛି। ତିନି ରଥ ନିର୍ମାଣ ଲାଗି  ନୟାଗଡ଼ ଜିଲ୍ଲା ଦଶପଲ୍ଲା ବନାଞ୍ଚଳରୁ ୨୩ଖଣ୍ଡ ଅସନ, ୪୦ ଫୁଟିଆ ଧଉରା କାଠ ପୁରୀ ଶ୍ରୀମନ୍ଦିରର ରଥଖଳାରେ ପହଁଞ୍ଚିଛି। ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ପବିତ୍ର ରାମ ନବମୀରେ ପରମ୍ପରା ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ରଥକାଠ ଚିରଟ ଅନୁକୂଳ ହୋଇଛି। କଟକ ଖପୁରିଆରେ ଥିବା ବନ ବିଭାଗର ସରକାରୀ କରତ କଳରେ ଚିରଟ କାମ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ପହଞ୍ଚିବା ପରେ ଯଥାବିଧି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଚିରଟ କାମ ଆରମ୍ଭ ହୋଇଥିଲା। ଆସନ୍ତା ମାସରେ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବ।

# ନିର୍ବାଚନ ପ୍ରଶିକ୍ଷଣ ବୈଠକ

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଅନୁଗୁଳ ଜିଲ୍ଲାର ସମସ୍ତ ବିଧାନସଭାର ନିର୍ବାଚନ ଅଧିକାରୀ ଓ ଅନ୍ୟ ଅଧିକାରୀ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ବୈଠକ ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନ୍‌ଲାଇନ ମାଧ୍ୟମରେ 'ସୁବିଧା' ଓ 'ଏନକୋର' ପୋର୍ଟାଲ ଜରିଆରେ ପ୍ରାର୍ଥି ନାମାଙ୍କନ ଦାଖଲ, ଦାଖଲ ନାମାଙ୍କନ ପତ୍ର ଯାଞ୍ଚ କରିବା ଓ ଅନ୍ୟ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ପ୍ରତି ନିର୍ବାଚନ ଅଧିକାରୀଙ୍କ ବୈଷୟିକ ଟିମ୍ ମଧ୍ୟ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଆସନ୍ତା ମଇ ୨୫ ତାରିଖରେ ଷଷ୍ଠ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ । ଏଥିନିମନ୍ତେ ଚଳିତ ମାସ ୨୯ରେ ବିଧିବଦ୍ଧ ଭାବେ ଗେଜେଟ ନୋଟିଫିକେସନ ପ୍ରକାଶ ପାଇବ ।

# ନିର୍ବାଚନ ସମୀକ୍ଷା

ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନର ପ୍ରସ୍ତୁତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ପୋଲିସ୍ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଗତକାଲି ଅନୁଷ୍ଠିତ ହୋଇଯାଇଛି । ଉଭୟ ଜିଲ୍ଲାର ଭୋଟର ସଂଖ୍ୟା, ବୁଥ୍ ଗୁଡିକର ସ୍ଥାନ ଓ ସ୍ଥିତି, ଇଭିଏମ୍ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ପର୍ଯ୍ୟବେକ୍ଷକ, ମାଇକ୍ରୋ ପର୍ଯ୍ୟବେକ୍ଷକ ମାନଙ୍କର ପ୍ରଶିକ୍ଷଣ, ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା ।

## ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷାର ଅନଲାଇନ ଖାତା ଦେଖା ଶେଷ ହୋଇଛି । ଅଫ୍‌ଲାଇନ ଖାତା ଦେଖା ଆଜି ସୁଦ୍ଧା ଶେଷ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି । ଆସନ୍ତାକାଲିଠାରୁ ପରୀକ୍ଷାଫଳ ପ୍ରକାଶ ସଂକ୍ରାନ୍ତୀୟ ପଦକ୍ଷେପ ନିଆଯିବ ଏବଂ ମଇ ମାସ ଦ୍ୱିତୀୟ ସପ୍ତାହ ବେଳକୁ ରେଜଲ୍ଟ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ଗ୍ରୀଷ୍ମଛୁଟି

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଜିଠାରୁ ରାଜ୍ୟର ସ୍କୁଲ ଗୁଡିକରେ ଗ୍ରୀଷ୍ମଛୁଟି ଆରମ୍ଭ ହୋଇଛି । ଛୁଟି ସମୟରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷା ତଥା ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ । ବର୍ତ୍ତମାନ ସ୍କୁଲରେ ନାମଲେଖା ଚାଲିଛି । ଏହି ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଅଫିସ ଖୋଲା ରହିବ ।

## ବିଶ୍ୱ ମ୍ୟାଲେରିଆ ଦିବସ

ଅଧିକ ନ୍ୟାୟ ସମ୍ପନ୍ନ ବିଶ୍ୱ ପାଇଁ ମ୍ୟାଲେରିଆ ବିରୋଧରେ ଲଢେଇକୁ ତ୍ୱରାନ୍ୱିତ କରିବାର ବାର୍ତ୍ତା ନେଇ ଆଜି ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ୨୦୦୮ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଜିର ଦିନକୁ ମ୍ୟାଲେରିଆର ଭୟାବହତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ପୃଥିବୀରେ

ମ୍ୟାଲେରିଆ ଏକ ଚିନ୍ତାଜନକ ସ୍ୱାସ୍ଥ୍ୟ ସମସ୍ୟା । ମାଈ ଏନୋଫିଲିସ ମଶା କାମୁଡିବା ଦ୍ୱାରା ସାଧାରଣତଃଭାବେ ମ୍ୟାଲେରିଆ ଜ୍ୱର ହୋଇଥାଏ । ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷାଋତୁରେ ହୋଇଥାଏ । ଏକ ତଥ୍ୟ ଅନୁସାରେ ବିଶ୍ୱରେ ଦୁଇବର୍ଷ ପୂର୍ବେ ୬ଲକ୍ଷ ୮ହଜାର ଜଣଙ୍କର ମୃତ୍ୟୁ ହୋଇଥିଲା । ଭାରତର ରାଜ୍ୟମାନଙ୍କ ଭିତରେ ଓଡିଶାରେ ସର୍ବାଧିକ ମ୍ୟାଲେରିଆ ରୋଗୀ ଦେଖାଦେଇଥାଆନ୍ତି । ଗତବର୍ଷ ମ୍ୟାଲେରିଆ ଜ୍ୱରରେ ଦେଶରେ ପ୍ରାୟ ୩୪ଲକ୍ଷ ରୋଗୀ ଆକ୍ରାନ୍ତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ସାଢେ ୫ହଜାର  ରୋଗୀଙ୍କର ମୃତ୍ୟୁ ହୋଇଥିଲା । ଗତବର୍ଷ ଓଡିଶାରେ ପ୍ରାୟ ୪୨ହଜାର  ଲୋକ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡିଛି । ୨୦୩୦ ମସିହା ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ  ମ୍ୟାଲେରିଆ ମୁକ୍ତ କରିବା ପାଇଁ 'ଦମନ' - ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ସରକାରୀ ସ୍ତରରେ ଜାରି ରହିଛି ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ଲହରି ଜାରି ରହିଛି ।  ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି ।  ଭୁବନେଶ୍ୱରରେ ସର୍ବାଧିକ ୪୧ ଦଶମିକ ୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱର ଓ ଚାନ୍ଦବାଲିରେ ୪୧ ଡିଗ୍ରୀ, ଝାରସୁଗୁଡ଼ାରେ ୪୦ ଦଶମିକ ୪ ଡିଗ୍ରୀ ରେକର୍ଡ କରାଯାଇଛି ।

ଗଞ୍ଜାମ ଜିଲ୍ଲାରେ ଗତ ସନ୍ଧ୍ୟାରେ କାଳବୈଶାଖୀ ଯୋଗୁଁ ଉପକୂଳବର୍ତ୍ତୀ ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଯାଇଛି । କେତେକ ଅଞ୍ଚଳରେ ପବନ ଯୋଗୁଁ ରାସ୍ତାଘାଟରେ ଗଛପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ।